# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 383 CUTTACK, THURSDAY, FEBRUARY 9, 2023/MAGHA 20, 1944**


## Notified Area Council, Bijepur

## Notification

**No. 1974** **Date 14-12-2022**

The following draft of certain Bye-laws which the Notified Area Council, Bijepur proposes to make in exercise of the powers conferred by section 388 of the Odisha Municipal Act, 1950 (Odisha Act 23 of 1950) and sub-rule (4) of rule 6 of the Plastic Waste Management Rules, 2016, read with rule 14 thereof is hereby published as required by section 392 of the said Act for information of all persons likely to be affected thereby and the notice is hereby given that the said draft Bye-laws will be taken into consideration by the Notified Area Council, Bijepur on or after the expiry of a period of 15 days from the date of publication of this notification in the Odisha Gazette.

Any objection or suggestion which may be received by the Executive Officer of the Notified Area Council, Bijepur from any person in respect of the said draft before expiry of the period so specified above will be considered by the Notified Area Council as the case may be.

**Draft**

## CHAPTER – I

## PRELIMINARY

1. **Short title and commencement. -** (1) These Bye-laws may be called the Notified Area Council, Bijepur Plastic Waste Management Bye-laws, 2022.

(2) They shall come into force on the date of their publication in the Odisha Gazette.

2. **Application. -** (1) These Bye-laws shall apply to every plastic waste generator, manufacturer, importer, and producer within the area jurisdiction of Notified Area Council, Bijepur.

(2) These Bye-laws shall not apply to the export-oriented unit or units in special economic zones, notified by the Central Government, manufacturing their products against an order for export:

Provided that this exemption shall not apply to units engaged in packaging of gutkha, tobacco and pan masala and also to any surplus or rejects, left over products and the like.

3. Words and expressions used in these Bye-laws and not defined herein but defined in the Environment (Protection) Act, 1986 (29 of 1986) or the Plastic Waste Management Rules, 2016 or in the Odisha Municipal Act, 1950 (Odisha Act 23 of 1950) shall have the same meanings respectively assigned to them in the said Acts or the Rules.

## CHAPTER II

## CONDITIONS TO BE FULLFILLED

**4. Prohibition and restriction of sale, manufacture, import, store, transport, use of polythene carry bags, etc. -** (1) No person, by himself or through another, shall knowingly or otherwise, sell, trade, manufacture, import, store, carry, transport, use or distribute the following plastic waste within the limits of Notified Area Council, Bijepur, namely: -

(a) Polythene carry bags (including non-woven plastic carry bags) of any shape, thickness, and size (excluding compostable);

(b) Bottled drinking water Polyethylene Terephthalate (PET /PETE) bottles of less than 200ml capacity;

(c) Single use disposable cutleries made up of thermocol (polystyrene), polyurethane and the like; or plastic such as dish, spoon, cup, plate, glass, fork, bowl, knives, straw, trays, wrapping or packing films around sweet boxes, invitation cards, and cigarette packets, plastic or PVC banners less than 100 micron, stirrers, pouch to store liquid and container etc. of any size and shape excepting for packing and selling of milk and other ancillary milk products; and

(d) Thermocol (polystyrene) decorative materials (flowers and the like); and

(e) Ear buds with plastic sticks, plastic sticks for balloons, plastic flags, candy sticks, ice-cream sticks.

(2) Vendors shall not be allowed to use polythene sheets of less than 50-micron thickness for storing, transporting, dispensing

or packaging of any article or commodity or food items, consumables, packaging of milk and milk products and edible oil in sealed manners:

Provided that any plastic for carrying and transporting garbage and containers like cup for milk products including curd and ice-cream etc., polythene packing materials used in healthcare sector like medicines, blood transportation bags, syringe, sample or specimen bags, resalable bags, medical instruments, and accessories etc. shall be excluded.

(3) No person shall be allowed to litter any plastic item in any public place.

(4) Sachets using plastic material shall not be used for storing, packing, or selling gutkha, tobacco and pan masala.

(5) Recycling of plastic waste shall conform to the Indian Standard: IS 14534:1998 titled as the Guidelines for Recycling of Plastics as amended from time to time.

(6) The provision of thickness shall not be applicable to carry bags and commodities made up of compostable plastic. Carry bags and commodities made from compostable plastics shall conform to the Indian Standard: IS 17088:2008 titled as the Specifications for Compostable Plastics as amended from time to time.

(7) Plastic material, in any form including Vinyl Acetate, Maleic Acid, Vinyl Chloride Copolymer, shall not to be used in any package for packaging gutkha, pan masala and tobacco in all forms.

## CHAPTER III

## MANAGEMENT OF PLASTIC WASTE

**5. The Plastic Waste Management. -** The Notified Area Council, Bijepur shall manage plastic waste in its respective jurisdiction as follows, namely: -

(a) The plastic waste, which can be recycled, shall be channelized to registered plastic waste recycler and recycling of plastic shall conform to the Indian Standard: IS 14534:1998 titled as the Guidelines for Recycling of Plastics, as amended from time to time.

(b) The Notified Area Council, Bijepur shall encourage the use of plastic waste (preferably the plastic waste which cannot be further recycled) in construction of road as per Guidelines prescribed by Indian Road Congress or energy recovery or waste to oil or in cement kilns etc. The standards and pollution control norms specified by the State Pollution Control Board, for these technologies shall be complied with.

(c) Thermoset plastic waste shall be processed and disposed of as per the guidelines issued from time to time by the Central Pollution Control Board and/or the State Pollution Control Board; and

(d) The inert from recycling or processing facilities of plastic waste shall be disposed of in compliance with the provisions contained in the Solid Waste Management Rules, 2016 as amended from time to time.

## CHAPTER IV

## STAKEHOLDER'S RESPONSIBILITIES

**6. Responsibility of the Notified Area Council -** (1) The Notified Area Council, Bijepur shall set up Material Recovery Facilities adequate in number and capacity for facilitating segregation, collection, storage, transportation, processing, and disposal of the plastic waste either on its own or by assigning Mission Shakti Groups or Transgender Groups or Waste Picker Groups or agencies or producers as deemed suitable.

(2) The Notified Area Council, Bijepur shall be responsible to operate, co-ordinate the waste management system and to perform the associated functions, namely: -

(a) Ensuring segregation, collection, receipt, storage, transportation, processing, and disposal of plastic waste;

(b) Persons deployed in the Materials Recovery Facilities (MRF) shall help in segregating dry waste into recyclables and non-recyclables, stack these properly;

(c) Efforts shall be made to identify and integrate the Waste Pickers (informal waste collectors) in segregation of dry waste and ancillary process in the MRF as envisaged under clause (c) of rule 15 of the Solid Waste Management Rules, 2016;

(d) If required, members of Mission Shakti Group or Transgender Group may be assigned after due capacity building to work in and manage MRF;

(e) Ensuring that no damage is caused to the environment during this process;

(f) Ensuring channelization of recyclable plastic waste fraction to recyclers; and

(g) The combustible fraction of non-recyclable solid waste shall be baled using a baling machine to reduce the volume and transported to cement factories having kilns for coprocessing.

(3) The Notified Area Council, Bijepur for setting up of system for plastic waste management, shall seek assistance of manufacturer, producers, and brand owners to,-

(a) facilitate Producers in working out modalities for waste collection system based on the extended Producer's responsibility for better plastic waste management;

(b) effective handling of the waste generated due to multi-layered plastic sheet or pouches or packaging, the "Plan of Collection" worked out by the Producers or Importers or Brand Owners who introduce the products in the market for collecting back the plastic waste generated due to their products should be referred to and implementation ensured;

(4) At the secondary storage points or depots or transfer stations, waste pickers and other social entrepreneurs shall be encouraged to remove constituents such as plastic, glass and paper for recycle and reuse, ensuring that open burning of plastic waste does not take place.

(5) The amount collected by the Notified Area Council, Bijepur as fine shall be kept in a separate account and shall be utilized for infrastructure, logistics and for the overall sustainability of the plastic waste management system within its jurisdictions.

(6) Through appropriate Information Education Communication and Behaviour Change Communication activities create awareness among all stakeholders about their responsibilities to reduce generation of plastic waste.

(7) Capacity Building of relevant stakeholders shall be taken up periodically for better plastic waste management.

(8) The Notified Area Council, Bijepur shall enforce the relevant provisions of the Plastic Waste Management Rules, 2016 within the territorial limit of the Notified Area Council.

**7. Responsibility of waste generator. -** (1) The plastic waste generator shall, -

(a) not use the items or articles prohibited in these Bye-laws;

(b) take steps to minimize generation of plastic waste;

(c) not litter the plastic waste;

(d) segregate plastic waste at source and store the plastic waste in a separate bin meant for the non–bio degradable or dry waste;

(e) handover segregated waste to the authorised waste collector or agencies engaged by the Notified Area Council in accordance with the provisions of the Solid Waste Management Rules, 2016 as amended from time to time or registered waste pickers, registered recyclers, or waste collection agencies;

(f) at secondary storage depots, the plastic waste shall be deposited in the non-biodegradable or dry waste bins only; and

(g) deposit the segregated plastic waste at Material Recovery Facility.

(2) Any institution generating plastic waste, shall segregate and store the waste generated by them in accordance with the Solid Waste Management Rules, 2016 or as amended from time to time and handover segregated wastes to authorized waste processing agency or authorized collection agency of

the Notified Area Council, Bijepur or disposal facilities or deposition centres.

(3) The authorities or owners of places of religious worship or institutions, hotels and restaurants, cafe, mobile food counters or vans, caterers and other such places like marriage or party halls, offices or institutions and the outdoor event managers shall be responsible for ensuring strict compliance of the directions mentioned in these Bye-laws and shall provide space for collection of plastic waste within their campus.

## CHAPTER V

## COLLECTION, SEGREGATION AND PROCESSING OF PLASTIC WASTE

**8. Responsibility of producers, importers, and brand owners. -** (1) All the producers, brand owners or importers who sell or market their products using multi-layered plastic sachet or pouches or packaging, etc. shall establish the system of collecting back the plastic waste generated due to their products.

(2) Producers of Polyethylene Terephthalate (PET /PETE) bottles for bottling drinking water and soft drinks shall take back the Polyethylene Terephthalate (PET /PETE) bottles and plastic waste respectively through the same retail sales network under mutually agreed terms and conditions based on Extended Producer's Responsibility.

## CHAPTER VI

## ENFORCEMENT

**9. Fines on violation. -** (1) The Notified Area Council, Bijepur shall enforce implementation of relevant provisions of the Plastic Waste Management Rules, 2016 relating to waste management by the waste generators, use of plastic carry bags, plastic sheets or like, covers made of plastic sheets and multi-layered packaging. Every retailer or street vendor

selling or providing commodities in plastic carry bags or multi-layered packaging or plastic sheets of like or covers made of plastic sheets which are not manufactured or labelled or marked in accordance with the Plastic Waste Management Rules, 2016 as amended shall be liable to pay such fines as specified in Schedule of these Bye-laws as envisaged under rule 14 of the Plastic Waste Management Rules, 2016.

(2) The Notified Area Council, Bijepur shall levy fine on the spot as prescribed in Schedule of these Bye-laws for violation of provisions of the said Rules by any person or institution or waste generator through authorized official or authorized squad duly constituted and collect the amount from the violator.

(3) Notified Area Council, Bijepur may modify the amount of fine from time to time as deemed proper in conformity with the provisions of the Plastic Waste Management Rules, 2016.

(4) The Notified Area Council, Bijepur may seek assistance of the District Magistrate of the concerned District in the enforcement of the provisions of these Bye-laws.

**10. Action in case of default. –** In case of Shopkeeper, street vendor, person or institution who does not pay the fine after two notices from the appropriate authority the amount due shall be deemed to be a public demand and recovered as per the provisions of the Odisha Public Demand Recovery Act, 1962 (Odisha Act 1 of 1963).

## CHAPTER VII

## ANNUAL REPORTS

**11.** (1) By Operator of Plastic Waste processing or recycling facility to the Notified Area Council, Bijepur **-** Annual Report as provided in the Form IV of the Plastic Waste Management Rules, 2016 shall be prepared by the person engaged in recycling or processing of plastic waste in the Notified Area Council, Bijepur area for the calendar year and submitted to the Notified Area Council, Bijepur under intimation to the State Pollution Control Board by the 30th April of succeeding year.

(2) The Notified Area Council, Bijepur shall prepare Annual Report for each calendar year in Form V as provided in the Plastic Waste Management Rules, 2016 and submit to the Secretary to Government, Housing and Urban Development Department, intimating to the State Pollution Control Board, Odisha by the 30th June of succeeding year.

## CHAPTER VIII

## MONITORING MECHANISM

**12. Monitoring of Plastic Waste Management –** (1) The Ward Committee constituted as per the Solid Waste Management Bye-laws, 2017, shall oversee the sanitation activities in the ward including plastic waste management.

(2) City Sanitation Task Force of the Notified Area Council, Bijepur created as per the Odisha Urban Sanitation Strategy, 2017 shall monitor the implementation of these Bye-laws, in the Bijepur (NAC).

**13. Responsibility of Ward Committee (WC).** – The Ward Committee shall undertake the following actions, namely: -

(a) monitor implementation of the provisions of these Bye-laws in respect of the Ward concerned;

(b) act as a grievances redressal point on sanitation issues including plastic waste at ward level; and

(c) create awareness on plastic waste management in the respective wards.

**14. Responsibilities of City Sanitation Task Force (CSTF). -** City Sanitation Task Force shall undertake the following actions, namely: -

(a) prepare the baseline database and situation analysis of Plastic Waste;

(b) monitor the progress of the campaign of plastic waste management and make periodic corrections as needed and regular reporting to district and state coordination agencies;

(c) work with ward committee, support organisations, line Departments and civil society organisations in setting up systems that enable community level monitoring and management of plastic waste;

(d) review Detailed Project Reports for urban sanitation including plastic waste developed under various programmes and recommend them to the District Urban Sanitation Committee for consideration; and

(e) entrust responsibility to any committee or sub-committee for ward-level monitoring.

**15. Appeal. -** Any person aggrieved by the decision of an Authorized Official of the Notified Area Council, Bijepur under these Bye-laws, may prefer appeal against such decisions to

the Executive Officer of the Notified Area Council, Bijepur and if the decision is made by the Executive Officer, the appeal shall lie to the Secretary to Government, Housing and Urban Development Department, within a period of thirty days from the date of receipt of a copy of the order appealed against.

**16.** The Notified Area Council, Bijepur may from time-to-time issue instructions, clarifications for implementation of the provisions of the Bye-laws.

## Schedule

## Fines for violation

**(See Bye-law 9)**

| Sl. No. | Reference clause in the Bye-laws | Brief description of violation | Fines (in Rs.) for each violation up to 2 violations | Fine (in Rs.) for each subsequent repeated violation |
|---|---|---|---|---|
| 1 | 4 (1) | Sell, trade, manufacture, import, store, carry, transport, use or distribute:<br><br>polythene carry-bags, bottled drinking water PET /PETE bottles of less than 200ml capacity, single use disposable cutleries made up of thermocol (polystyrene), polyurethane and the like; or plastic, Thermocol decorative materials | | |
| (i) | | Domestic users | 100 | 500 |
| (ii) | | Commercial users | 1000 | 5000 |
| 2 | 4 (2) | Vendors using polythene sheets of less than 50-micron | 1000 | 5000 |

| Sl. No. | Reference clause in the Bye-laws | Brief description of violation | Fines (in Rs.) for each violation up to 2 violations | Fine (in Rs.) for each subsequent repeated violation |
|---|---|---|---|---|
| | | thickness for storing, transporting, dispensing, or packaging of any article or commodity or food items, consumables, packaging of milk and milk products and edible oil in sealed manner. | | |
| 3 | 4 (3) | Person knowingly or otherwise, litter any public place with any plastic item allowed under this Bye-laws. | 100 | 500 |
| | 4 (4) | Sachets using plastic material used for storing, packing, or selling gutkha, tobacco and pan masala. | 200 | 500 |
| | 4 (6) | Carry bags made from compostable plastics not conforming to the Indian Standard: IS 17088:2008. | 1000 | 5000 |
| | 4 (7) | Shopkeeper using plastic material, in any form including Vinyl Acetate, Maleic Acid, Vinyl Chloride Copolymer, used in any package for packaging gutkha, pan masala and tobacco in all forms | 100 | 500 |
| | 7 (2) | Institutional generators of plastic waste, who do not segregate and store the waste generated by them in accordance with the Solid Waste Management Rules, 2016 or as amended from time to time and handover segregated wastes to authorized waste processing | 1000 | 5000 |

| Sl. No. | Reference clause in the Bye-laws | Brief description of violation | Fines (in Rs.) for each violation up to 2 violations | Fine (in Rs.) for each subsequent repeated violation |
|---|---|---|---|---|
| | | or disposal facilities or deposition centres either on its own or through the authorized waste collection agency | | |

**By order of the Notified Area Council, Bijepur**

**Rajesh Kumar Ekka**

**Executive Officer**

# ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର

## ଅଧିସୂଚନା

**ସଂଖ୍ୟା: ୧୯୭୪** **ତାରିଖ: ୧୪-୧୨-୨୦୨୨**

ଓଡ଼ିଶା ମ୍ୟୁନିସିପାଲ୍ ଅଧିନିୟମ ୧୯୫୦ (୧୯୫୦ ର ଓଡ଼ିଶା ଅଧିନିୟମ ୨୩) ର ଧାରା ୩୮୮ ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ର ୬ର ଉପ-ନିୟମ (୪) ତଥା ନିୟମ ୧୪ର ଉପ-ନିୟମ (୨) ଦ୍ଵାରା ପ୍ରଦତ୍ତ କ୍ଷମତା ପ୍ରୟୋଗରେ ପ୍ରସ୍ତାବିତ ଚିଠା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୨୨ ଉପରୋକ୍ତ ଅଧିନିୟମର ଧାରା ୩୯୨ ଅନୁଯାୟୀ ପ୍ରଭାବିତ ହେବାକୁ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ଅବଗତି ପାଇଁ ପ୍ରକାଶିତ ହେଉଅଛି ଓ ଏହି ଅଧିସୂଚନା ଦ୍ଵାରା ସୂଚିତ କରାଯାଉଅଛି କି, ଓଡ଼ିଶା ଗେଜେଟ୍ ରେ ଏହା ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ଏଥି ସଂକ୍ରାନ୍ତରେ ଆପତ୍ତି ଓ ପ୍ରସ୍ତାବ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇପାରିବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରସ୍ତାବିତ ଚିଠା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୨୨ ସଂକ୍ରାନ୍ତରେ ପ୍ରାପ୍ତ ହୋଇଥିବା ଆପତ୍ତି ଓ ପ୍ରସ୍ତାବ ପୌର ପରିଷଦ/ପ୍ରଶାସକଙ୍କ ଦ୍ଵାରା ବିଚାର୍ଯ୍ୟ ହେବ।

### ଅଧ୍ୟାୟ – ୧

**୧. ସଂକ୍ଷିପ୍ତ ଶୀର୍ଷକ ଏବଂ କାର୍ଯ୍ୟକାରିତା -** (୧)ଏହି ଉପବିଧି ପ୍ରାଥମିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୨୨ ନାମରେ ନାମିତ କରାଯାଇପାରେ ।

(୨) ଓଡ଼ିଶା ରାଜପତ୍ର (ଗେଜେଟ୍) ରେ ପ୍ରକାଶିତ ହେବା ଦିନ ଠାରୁ ଏହି ଉପବିଧି କାର୍ଯ୍ୟକାରୀ ହେବ।

**୨. ପ୍ରଯୁଜ୍ୟତା -** (୧) ଏହି ଉପବିଧି ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ଅଧିନସ୍ଥ ଅଞ୍ଚଳର ସମସ୍ତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀ, ନିର୍ମାତା, ଆମଦାନୀକାରୀ ଏବଂ ଉତ୍ପାଦକ ମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେବ।

(୨) ଏହି ଉପବିଧି ରପ୍ତାନୀ ଆଦେଶ ଅନୁଯାୟୀ ଉତ୍ପାଦ ପ୍ରସ୍ତୁତ କରୁଥିବା ରପ୍ତାନୀ କୈନ୍ଦ୍ରିକ ସଂସ୍ଥା ତଥା କେନ୍ଦ୍ର ସରକାରଙ୍କ ଦ୍ଵାରା ବିଜ୍ଞାପିତ ସ୍ଵତନ୍ତ୍ର ଅର୍ଥନୈତିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ପ୍ରତି ପ୍ରଯୁଜ୍ୟ ହେବ ନାହିଁ :

କିନ୍ତୁ ଏହି ଉପବିଧି ଅନ୍ତର୍ଗତ ରିହାତି ଗୁଟଖା, ଜର୍ଦ୍ଦା ତଥା ପାନ ମସଲା ଉତ୍ପାଦନକାରୀ ମାନଙ୍କ କ୍ଷେତ୍ରରେ ତଥା ବଳକା, ପ୍ରତ୍ୟାଖ୍ୟାତ ତଥା ରହି ଯାଇଥିବା ଉତ୍ପାଦ ଓ ସେହି ପ୍ରକାର ଦ୍ରବ୍ୟ କ୍ଷେତ୍ରରେ ପ୍ରଯୁଜ୍ୟ ହେବ ନାହିଁ ।

**୩.**ଯେଉଁ ସବୁ ଶବ୍ଦାବଳୀ ଏବଂ ଅଭିବ୍ୟକ୍ତି, ଏହି ଉପବିଧିରେ ବ୍ୟବହୃତ ହୋଇଥିଲେ ମଧ ଏଥିରେ ବ୍ୟାଖ୍ୟା କରାଯାଇ ନାହିଁ; ମାତ୍ର ପରିବେଶ (ସୁରକ୍ଷା) ଅଧିନିୟମ, ୧୯୮୬ (୧୯୮୬ ର ୨୯) କିମ୍ବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ କିମ୍ବା ଓଡ଼ିଶା ମ୍ୟୁନିସିପାଲ୍ ଅଧିନିୟମ ୧୯୫୦ (୧୯୫୦ ର ଓଡ଼ିଶା ଅଧିନିୟମ ୨୩) ରେ ବ୍ୟାଖ୍ୟା କରାଯାଇଛି, ସେସବୁ ପ୍ରୋକ୍ତ ଅଧିନିୟମ ବା ନିୟମ ମାନଙ୍କରେ ସେମାନଙ୍କୁ ଯେଉଁ ଅର୍ଥ ପ୍ରଦାନ କରାଯାଇଛି, ଯଥାକ୍ରମେ ସେହି ସମାନ ଅର୍ଥ ବହନ କରିବେ।

## ଅଧ୍ୟାୟ – ୨

## ପୂରଣ ହେବାକୁ ଥିବା ସର୍ତ୍ତାବଳୀ

**୪. ପଲିଥିନ୍ କ୍ୟାରିବ୍ୟାଗ୍ ଇତ୍ୟାଦିର ବିକ୍ରୟ, ଉତ୍ପାଦନ, ଆମଦାନୀ, ସଞ୍ଚୟନ, ପରିବହନ ତଥା ଉପଯୋଗ ଉପରେ ପ୍ରତିବନ୍ଧ ତଥା ନିଷେଧନାମା-** (୧) କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହା ଦ୍ୱାରା ଜ୍ଞାତସାରରେ କିମ୍ବା ଅଜ୍ଞାତସାରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ସୀମାଭୁକ୍ତ ଅଞ୍ଚଳରେ ନିମ୍ନୋକ୍ତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବିକ୍ରୟ, ଉତ୍ପାଦନ, ଆମଦାନୀ, ସଞ୍ଚୟନ, ପରିବହନ, ଉପଯୋଗ ବା ବଣ୍ଟନ କରିପାରିବେ ନାହିଁ ଅଥବା ସାଙ୍ଗରେ ନେଇପାରିବେ ନାହିଁ । ସେଗୁଡିକ ହେଲା –

(କ)ଯେକୌଣସି ଆକାର, ଆକୃତି ଅଥବା ମୋଟେଇ ବିଶିଷ୍ଟ ଅଣ-ବିଘଟନଶୀଳ ପଲିଥିନ୍ କ୍ୟାରିବ୍ୟାଗ୍ (ଯେଉଁଥିରେ ବୁଣାଯାଇ ନଥିବା ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ୍ ମଧ ଅନ୍ତର୍ଭୁକ୍ତ)

(ଖ) ୨୦୦ ମି.ଲି. ରୁ କମ୍ ପରିମାଣର ପଲିଏଥିଲିନ୍ ଟେରେଫଥାଲେଟ୍ (PET/ PETE ) ପାନୀୟ ଜଳ ବୋତଲ ;

(ଗ) ଥର୍ମୋକୋଲ୍ (ପଲିଷ୍ଟାଇରିନ୍) ପଲିଇଉରେଥେନ୍ କିମ୍ବା ତତ୍ତୁଲ୍ୟ ଉପାଦାନରୁ ପ୍ରସ୍ତୁତ ଏକକ ବ୍ୟବହାରକ୍ଷମ ନିବର୍ତ୍ତନୀୟ ଖାଇବା ଉପକରଣ ଯଥା ଥାଳି, ଚାମଚ, କପ୍, ପ୍ଲେଟ, ଗିଲାସ, ତାଟିଆ, ଛୁରୀ, ପିଇବା ଷ୍ଟ୍ର, ମିଠା ଡବା ପ୍ୟାକିଂ ନିମନ୍ତେ ବ୍ୟବହୃତ ଜରି, ନିମନ୍ତ୍ରଣ ପତ୍ର, ସିଗାରେଟ ପ୍ୟାକେଟ, ୧୦୦ ମାଇକ୍ରନ୍ ରୁ କମ୍ ପ୍ଲାଷ୍ଟିକ୍ ଅଥବା ପି.ଭି.ସି. ବ୍ୟାନର୍,

ଗୋଳାଇବା ଉପକରଣ ତଥା ଦୁଗ୍ଧ ତଥା ଦୁଗ୍ଧ ଜାତୀୟ ଉତ୍ପାଦ ବ୍ୟତୀତ ଅନ୍ୟ ଯେକୌଣସି ତରଳ ପଦାର୍ଥ ରଖିବା ପାଇଁ ବ୍ୟବହୃତ ଥଳୀ (ପାଉଚ୍) ଏବଂ କଣ୍ଟେନର୍;

(ଘ) ଥର୍ମୋକୋଲ୍ (ପଲିଷ୍ଟାଇରିନ୍)ରୁ ପ୍ରସ୍ତୁତ ଗୃହ ସଜ୍ଜା (ଫୁଲ ଇତ୍ୟାଦି) ଉପକରଣ;

(ଙ) ପ୍ଲାଷ୍ଟିକ୍ କାଠିଯୁକ୍ତ କାନସଫା ପାଇଁ ବ୍ୟବହୃତ ତୁଳା, ବେଲୁନ୍ ଓ ପତାକା ଧରି ରଖିବା ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ କାଠି, କ୍ୟାଣ୍ଡି ତଥା ଆଇସ୍ କ୍ରିମ୍ ରେ ବ୍ୟବହୃତ ପ୍ଲାଷ୍ଟିକ୍ କାଠି;

(୨) ବିକ୍ରେତା ମାନେ କୌଣସି ଦ୍ରବ୍ୟ ବା ପଣ୍ୟ ଦ୍ରବ୍ୟ ବା ଖାଦ୍ୟ ଦ୍ରବ୍ୟ, ଦୁଗ୍ଧ ବା ଦୁଗ୍ଧଜାତ ପଦାର୍ଥ, ଖାଇବା ତେଲ ମୁଦ ଦିଆ ଭାବେ ମହଜୁଦ ରଖିବା, ପରିବହନ କରିବା, ବିକ୍ରୟ କରିବା କିମ୍ବା ପ୍ୟାକ୍ କରିବା ପାଇଁ ୫୦ ମାଇକ୍ରନ୍ ରୁ କମ୍ ପ୍ଲାଷ୍ଟିକ୍ ଥଳୀ ବ୍ୟବହାର କରି ପାରିବେ ନାହିଁ।

କିନ୍ତୁ ଏହି ପ୍ରତିବନ୍ଧ ବର୍ଜ୍ୟବସ୍ତୁ ରଖିବା ତଥା ପରିବହନ ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ ଥଳୀଏବଂଦହି ତଥା ଆଇସ୍ କ୍ରିମ୍ ର କପ୍ ଭଳି କଣ୍ଟେନର୍, ଔଷଧ, ରକ୍ତ ବାହକ ଥଳୀ, ସିରିଞ୍ଜ, ନମୁନା ସଂଗ୍ରହ ଥଳୀ, ପୁନର୍ବାର ମୁଦ କରିହେଉଥିବା ଥଳୀ, ଡାକ୍ତରଖାନାରେ ବ୍ୟବହୃତ ଯନ୍ତ୍ରପାତି ଓ ଆନୁଷଙ୍ଗିକ ଉପାଦାନ ଆଦି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟବହୃତ ପଲିଥିନ୍ ପ୍ୟାକିଂ ଉପକରଣ କ୍ଷେତ୍ରରେ ପ୍ରଯୁଜ୍ୟ ହେବ ନାହିଁ ।

(୩) ସର୍ବସାଧାରଣ ସ୍ଥଳରେ କୌଣସି ବ୍ୟକ୍ତି କୌଣସି ପ୍ରକାର ପ୍ଲାଷ୍ଟିକ୍ ଜିନିଷ ଫିଙ୍ଗି ପାରିବେ ନାହିଁ।

(୪) ଗୁଟଖା, ଜର୍ଦ୍ଦା ତଥା ପାନ ମସଲା ରଖିବା, ପ୍ୟାକିଂ ଅଥବା ବିକ୍ରୟ କରିବା କ୍ଷେତ୍ରରେ ପ୍ଲାଷ୍ଟିକ୍ ଉପାଦାନ ରେ ତିଆରି ମୁଣା ବ୍ୟବହୃତ ହେବନାହିଁ ।

(୫) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ପୁନଃଚକ୍ରଣ, ସମୟରୁ ସମୟ ସଂଶୋଧିତ 'ପ୍ଲାଷ୍ଟିକ୍ ପୁନଃଚକ୍ରଣ ମାର୍ଗଦର୍ଶିକା' ଶୀର୍ଷକ ଭାରତୀୟ ମାନକ IS 14534 1998 ଅନୁରୂପ ହେବ।

(୬) ବିଘଟନଶୀଳ କ୍ୟାରିବ୍ୟାଗ୍ କ୍ଷେତ୍ରରେ ପଲିଥିନ୍ ର ମୋଟେଇ ସମ୍ପର୍କିତ ନିୟମ ଲାଗୁ ହେବନାହିଁ । ବିଘଟନଶୀଳ ପ୍ଲାଷ୍ଟିକ୍ ରୁ ପ୍ରସ୍ତୁତ କ୍ୟାରିବ୍ୟାଗ୍ ତଥା ଅନ୍ୟ ସାମଗ୍ରୀ ସମୟରୁ ସମୟ ସଂଶୋଧିତ 'ବିଘଟନଶୀଳ ପ୍ଲାଷ୍ଟିକ୍ ପାଇଁ ବିନିର୍ଦ୍ଦେଶ' ଶୀର୍ଷକ ଭାରତୀୟ ମାନକ IS 17088 : 2008 ଅନୁରୂପ ହେବ।

(୭) ଗୁଟଖା, ଜର୍ଦ୍ଦା ତଥା ପାନ ମସଲା ରଖିବା, ପ୍ୟାକିଂ ପାଇଁ କୌଣସି ପ୍ରକାର ପ୍ଲାଷ୍ଟିକ୍ ଉପାଦାନ ଯଥା ଭିନାଇଲ୍ ଆସିଟେଟ୍, ମେଲେଇକ୍ ଏସିଡ୍, ଭିନାଇଲ୍ କ୍ଲୋରାଇଡ୍ ତଥା କୋପଲିମର୍ ବ୍ୟବହାର କରାଯିବ ନାହିଁ।

## ଅଧ୍ୟାୟ – ୩

## ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା

**୫. ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା–** ନିମ୍ନୋକ୍ତ ମାର୍ଗରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ନିଜ ସୀମାଭୁକ୍ତ ଅଞ୍ଚଳରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା କରିବ ଯଥା :-

(କ) ପୁନଃଚକ୍ରଣକ୍ଷମ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ କୁ ଉପଚାର ନିମନ୍ତେ ପଞ୍ଜୀକୃତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପୁନଃଚକ୍ରଣ ସଂସ୍ଥାକୁ ପଠାଯିବ ଏବଂ ଏହି ପ୍ରକ୍ରିୟା ସମୟରୁ ସମୟ ସଂଶୋଧିତ 'ପ୍ଲାଷ୍ଟିକ୍ ପୁନଃଚକ୍ରଣ ମାର୍ଗଦର୍ଶିକା' ଶୀର୍ଷକ ବିଶିଷ୍ଟ ଭାରତୀୟ ମାନକ IS 14534 199୪ ଅନୁରୂପ ହେବ।

(ଖ) ଭାରତୀୟ ସଡ଼କ ମହାସଭା ନିର୍ଦ୍ଦେଶାବଳୀ ଅନୁଯାୟୀ ରାସ୍ତା ନିର୍ମାଣ କାର୍ଯ୍ୟରେ ବା ଶକ୍ତି ପୁନରୁଦ୍ଧାର ବା ବର୍ଜ୍ୟବସ୍ତୁରୁ ତୈଳ ଉତ୍ପାଦନ ବା ସିମେଣ୍ଟ ଭାଟି ଆଦି ସ୍ଥାନ ମାନଙ୍କରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ, ବିଶେଷତଃ ଯାହା ଆଉ ଅଧିକ ପୁନଃଚକ୍ରଣ ହୋଇପାରିବ ନାହିଁ, ଉପଯୋଗ କରିବା ପାଇଁ ନିଗମ ପ୍ରୋତ୍ସାହିତ କରିବ।

(ଗ) ତାପଦୃଢ଼ (ଥର୍ମୋସେଟ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଓ ନିବର୍ତ୍ତନ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କ ପକ୍ଷରୁ ସମୟରୁ ସମୟ ଜାରି କରାଯାଉଥିବା ମାର୍ଗଦର୍ଶିକା ଅନୁପାଳନରେ କରାଯିବ।

(ଘ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ପୁନଃଚକ୍ରଣ ଓ ପ୍ରକ୍ରିୟାକରଣ ସ୍ଥଳରୁ ଉତ୍ପନ୍ନ ନିଷ୍କ୍ରିୟ ଦ୍ରବ୍ୟର ନିବର୍ତ୍ତନ, ସମୟରୁ ସମୟ ସଂଶୋଧିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁପାଳନରେ କରାଯିବ।

## ଅଧ୍ୟାୟ – ୪

## ସ୍ୱତ୍ତ୍ୱାଧିକାରୀଙ୍କ ଦାୟିତ୍ୱ

**୬. ବିଜ୍ଞାପିତ ଅଞ୍ଚଳ ପରିଷଦର ଦାୟିତ୍ୱ -** (୧) ନିଜ ଉଦ୍ୟମରେ ହେଉ ଅଥବା ମିଶନ୍ ଶକ୍ତି ଗୋଷ୍ଠୀ ବା ତୃତୀୟ ଲିଙ୍ଗ ଗୋଷ୍ଠୀ ବା ବର୍ଜ୍ୟବସ୍ତୁ ସଂଗ୍ରହକାରୀ ଗୋଷ୍ଠୀ ବା ଅନ୍ୟାନ୍ୟ ସଂସ୍ଥା ବା

ଉତ୍ପାଦନକାରୀ ମାନଙ୍କୁ ନିୟୋଜିତ କରି ହେଉ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ପୃଥକୀକରଣ, ସଂଗ୍ରହ, ସଂରକ୍ଷଣ, ପରିବହନ, ପ୍ରକ୍ରିୟାକରଣ ଓ ନିଷ୍କାସନ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ ଓ ବିକଶିତ କରିବ।

(୨) ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ସମ୍ପାଦନ, ସଂଯୋଜନା ଏବଂ ନିମ୍ନଲିଖିତ ଆନୁଷଙ୍ଗିକ କାର୍ଯ୍ୟାବଳୀ ନିର୍ବାହ କରିବା ନିମନ୍ତେ  ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ଦାୟୀ ରହିବ :-

(କ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ପୃଥକୀକରଣ, ସଂଗ୍ରହଣ, ପ୍ରାପ୍ତି, ପରିବହନ,  ପ୍ରକ୍ରିୟାକରଣ ଏବଂ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରିବା;

(ଖ) ବସ୍ତୁ ପୁନରୁଦ୍ଧାର ସୁବିଧାରେ ନିୟୋଜିତ ବ୍ୟକ୍ତି ବିଶେଷ ପୁନଃ ପ୍ରକ୍ରିୟାକରଣ ଯୋଗ୍ୟ ଏବଂ ପୁନଃ ପ୍ରକ୍ରିୟାକରଣ ଅଯୋଗ୍ୟ ଭାବରେ ଶୁଷ୍କ ବର୍ଜ୍ୟବସ୍ତୁ ଗୁଡିକୁ ପୃଥକୀକରଣ କରିବାରେ ସହାୟତା କରିବେ।

(ଗ) କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ ୨୦୧୬ ର ନିୟମ ୧୫ ଖଣ୍ଡ (ଗ) ରେ ସନ୍ନିହିତ ପ୍ରକାରେ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ମାନଙ୍କୁ (ଅଣ-ଔପଚାରିକ ବର୍ଜ୍ୟବସ୍ତୁ ସଂଗ୍ରହକାରୀ) ଚିହ୍ନଟ ତଥା ବସ୍ତୁ ପୁନରୁଦ୍ଧାର ସୁବିଧାରେ ଶୁଷ୍କ ବର୍ଜ୍ୟବସ୍ତୁ ଓ ଆନୁଷଙ୍ଗିକ ପ୍ରକ୍ରିୟାରେ ଜଡ଼ିତ କରାଇବା ନିମନ୍ତେ ଉଦ୍ୟମ କରାଯିବ;

(ଘ) ଆବଶ୍ୟକ ସ୍ଥଳେ, ମିଶନ୍ ଶକ୍ତି ଗୋଷ୍ଠୀ ବା ତୃତୀୟ ଲିଙ୍ଗ ଗୋଷ୍ଠୀ ସଦସ୍ୟ ମାନଙ୍କର ଯଥୋଚିତ ଦକ୍ଷତା ବୃଦ୍ଧି ପୂର୍ବକ 'ବସ୍ତୁ ପୁନରୁଦ୍ଧାର ସୁବିଧା' ରେ କାର୍ଯ୍ୟ ସମ୍ପାଦନ ତଥା ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇପାରେ;

(ଙ) ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ସମୟରେ ପରିବେଶର ଯେପରି କୌଣସି କ୍ଷତି ନହୁଏ ତାହା ସୁନିଶ୍ଚିତ କରିବା;

(ଚ) ପୁନଃ ପ୍ରକ୍ରିୟାକରଣ ଯୋଗ୍ୟ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଖଣ୍ଡକୁ ପୁନଃ ପ୍ରକ୍ରିୟାକରଣକାରୀଙ୍କ ନିକଟରେ ପହଞ୍ଚାଇବା ସୁନିଶ୍ଚିତ କରିବା; ଏବଂ

(ଛ)  ପୁନଃ ପ୍ରକ୍ରିୟାକରଣ ଅଯୋଗ୍ୟ ମାତ୍ର ଦହନ ଯୋଗ୍ୟ କଠିନ ବର୍ଜ୍ୟବସ୍ତୁ ଗୁଡିକୁ ବିଡ଼ାବନ୍ଧା ଯନ୍ତ୍ର ସାହାଯ୍ୟରେ ବିଡ଼ା ପ୍ରସ୍ତୁତ କରି ସେଗୁଡ଼ିକର ସ୍ଥୁଳତା ହ୍ରାସ କରିବା ସହ ଭାଟିଯୁକ୍ତ ସିମେଣ୍ଟ କାରଖାନାକୁ ସହ ପ୍ରକ୍ରିୟାକରଣ ନିମନ୍ତେ ପ୍ରେରଣ କରିବା।

(୩) ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ସଂସ୍ଥାପନ ପାଇଁ ନିର୍ମାତା, ଉତ୍ପାଦକ ତଥା ବ୍ରାଣ୍ଡ ଅଧିକର୍ତ୍ତାଙ୍କ ଠାରୁ ନିମ୍ନୋକ୍ତ ଉଦ୍ଦେଶ୍ୟ ନିମନ୍ତେ ସହାୟତା ଆବଶ୍ୟକ କରିବ ଯଥା:

(କ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଅଧିକ ସୁଗମ କରିବା ପାଇଁ, ଉତ୍ପାଦନକାରୀଙ୍କ ନିମନ୍ତେ ଉତ୍ପାଦନକାରୀ ମାନଙ୍କର ସମ୍ପ୍ରସାରିତ ଦାୟିତ୍ୱ ଉପରେ ଆଧାରିତ ବର୍ଜ୍ୟବସ୍ତୁ ସଂଗ୍ରହଣ ବ୍ୟବସ୍ଥା ସଂକ୍ରାନ୍ତରେ କାର୍ଯ୍ୟଶୈଳୀ ପ୍ରସ୍ତୁତି ସହଜସାଧ କରାଇବା ;

(ଖ) ପରସ୍ତ ପ୍ଲାଷ୍ଟିକ୍ ଫର୍ଦ୍ଦ ବା କ୍ଷୁଦ୍ର ଥଳୀ ବା ପ୍ୟାକେଜ୍ ରୁ ଜାତ ବର୍ଜ୍ୟବସ୍ତୁର ଫଳପ୍ରଦ ପରିଚାଳନା ନିମନ୍ତେ ସେହି ସାମଗ୍ରୀ ମାନଙ୍କର ଉତ୍ପାଦନକାରୀ ବା ଆମଦାନୀକାରୀ ବା ବ୍ରାଣ୍ଡ ମାଲିକ ଯେଉଁମାନେ କି ଏହି ଦ୍ରବ୍ୟ ମାନଙ୍କର ବଜାର ପ୍ରବେଶ କରାଇଥାନ୍ତି, ସେମାନଙ୍କ ଦ୍ୱାରା ସୃଷ୍ଟ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଗୁଡିକୁ ସଂଗ୍ରହ କରିବା ନିମନ୍ତେ ପ୍ରସ୍ତୁତ 'ସଂଗ୍ରହଣ ଯୋଜନା'କୁ ଦୃଷ୍ଟିରେ ରଖିବା ଓ ପ୍ରୟୋଗ ସୁନିଶ୍ଚିତ କରିବାର ପ୍ରାବଧାନ କରାଇବା।

(୪) ମାଧମିକ ସଞ୍ଚୟନ କେନ୍ଦ୍ର ବା ଡିପୋ ତଥା ସ୍ଥାନାନ୍ତରଣ ସ୍ଥଳୀ ମାନଙ୍କରେ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ତଥା ଅନ୍ୟ ସାମାଜିକ ଉଦ୍ୟମୀମାନେ ଯେପରି ପ୍ଲାଷ୍ଟିକ୍, କାଚ ଓ କାଗଜ ଆଦି ଜିନିଷ ସବୁକୁ ପୃଥକୀକରଣ ମାଧମରେ ପୁନଃଚକ୍ରଣ ଓ ପୁନଃ ବ୍ୟବହାର ନିମନ୍ତେ ଅଲଗା କରିବେ ସେଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ।

(୫)ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରଦ୍ୱାରା ଆଦାୟ ହୋଇଥିବା ଜୋରିମାନା ଏକ ସ୍ୱତନ୍ତ୍ର ବ୍ୟାଙ୍କ ଖାତାରେ ରହିବ ଏବଂ ତାହା ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ଅଧୀନସ୍ଥ ଅଞ୍ଚଳରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଭିତ୍ତିଭୂମି ବିକାଶ, ସଂଚାଳନ ତଥା ସାମଗ୍ରିକ ଦୀର୍ଘସ୍ଥାୟିତ୍ୱ ଦିଗରେ ଖର୍ଚ୍ଚ କରାଯିବ।

(୬) ପ୍ରକୃଷ୍ଟ ଶିକ୍ଷା, ସୂଚନା, ସଂଚାର ତଥା ବ୍ୟବହାରିକ ପରିବର୍ତ୍ତନ ଯୋଗାଯୋଗ କାର୍ଯ୍ୟବିଧି ମାଧମରେ ସମସ୍ତ ସହଭାଗୀଙ୍କ ମଧରେ ସଚେତନତା ସୃଷ୍ଟି କରି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି ହ୍ରାସ କରାଯିବ।

(୭) ଉତ୍ତମ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ସମ୍ପୃକ୍ତ ସହଭାଗୀଙ୍କ ନିୟମିତ ଦକ୍ଷତା ବିକାଶ ପ୍ରଶିକ୍ଷଣ ହାତକୁ ନିଆଯିବ।

(୮)ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ପକ୍ଷରୁ ନିଜର ସୀମାଭୁକ୍ତ କ୍ଷେତ୍ରରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ (ସମୟରୁ ସମୟ ସଂଶୋଧିତ ମତେ)ର ପ୍ରଯୁଜ୍ୟ ଧାରା ସମୂହର ପ୍ରବର୍ତ୍ତନ ସୁନିଶ୍ଚିତ କରାଯିବ।

**୭. ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀଙ୍କ ଦାୟିତ୍ୱ : -** ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀ,

(କ) ଏହି ଉପବିଧିରେ ନିଷେଧ ହୋଇଥିବା ଉପାଦାନ ବା ଉପକରଣର ଉପଯୋଗ କରିବେ ନାହିଁ ;

(ଖ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେବାକୁ ଯେତେ ଦୂର ସମ୍ଭବ ହ୍ରାସ କରିବାକୁ ପଦକ୍ଷେପ ମାନ ନେବେ;

(ଗ) କୌଣସି ପ୍ରକାର ପ୍ଲାଷ୍ଟିକ୍ ଜିନିଷ ଏଣେତେଣେ ଫିଙ୍ଗିବେ ନାହିଁ;

(ଘ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ଉତ୍ପତ୍ତି ସ୍ଥଳୀରୁ ହିଁ ଅଲଗା କରି ରଖିବେ ଏବଂ ସେସବୁକୁ ଅଣ-ବିଘଟନଶୀଳ କିମ୍ବା ଶୁଷ୍କ ବର୍ଜ୍ୟବସ୍ତୁ ନିମନ୍ତେ ଉଦ୍ଦିଷ୍ଟ ଆବର୍ଜ୍ଜନା ପେଟିରେ ରଖିବେ;

(ଙ) ପୃଥକ୍ କରାଯାଇଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସମୟରୁ ସମୟ ସଂଶୋଧିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁପାଳନରେ ପଞ୍ଜୀକୃତ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ବା ସଂସ୍ଥାଏବଂ ପଞ୍ଜୀକୃତ ବର୍ଜ୍ୟବସ୍ତୁ ପୁନଃଚକ୍ରଣ ସଂସ୍ଥାକୁ ପଠାଇବେ;

(ଚ) ମାଧମିକ ସଞ୍ଚୟନ କେନ୍ଦ୍ର ବା ଡିପୋରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ କେବଳ ଅଣ-ବିଘଟନଶୀଳ କିମ୍ବା ଶୁଷ୍କ ବର୍ଜ୍ୟବସ୍ତୁ ନିମନ୍ତେ ଉଦ୍ଦିଷ୍ଟ ଆବର୍ଜ୍ଜନା ପେଟିରେ ହିଁ ରଖିବେ;

(ଛ) ପୃଥକ୍ କରାଯାଇଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ଉପାଦାନ ପୁନରୁଦ୍ଧାର ସୁବିଧା (ଏମ୍. ଆର୍ .ଏଫ୍ )ରେ ଜମା କରିବେ।

(୨) ଯେକୌଣସି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀ ସଂସ୍ଥା ସମୟରୁ ସମୟ ସଂଶୋଧିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁପାଳନରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପୃଥକୀକରଣ କରିବା ସହ ପଞ୍ଜୀକୃତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସଂସ୍ଥା ଅଥବା ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରଦ୍ୱାରା ପଞ୍ଜୀକୃତ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ସଂସ୍ଥାକୁ କିମ୍ବା ନିବର୍ତ୍ତନ ସୁବିଧା ସ୍ଥଳୀ ବା ଆବର୍ଜ୍ଜନା ଜମା କେନ୍ଦ୍ରକୁ ପଠାଇବେ।

(୩) କୌଣସି ଧର୍ମସ୍ଥଳୀ ବା ପୂଜା ସ୍ଥାନ, ହୋଟେଲ୍ ଓ ରେସ୍ତୋରାଂ, ଭ୍ରାମ୍ୟମାଣ ଭୋଜନ କେନ୍ଦ୍ର ବା ଭ୍ୟାନ୍, ବିବାହ ମଣ୍ଡପ, ପାର୍ଟି ହଲ୍, ଅଫିସ୍ ବା ଅନ୍ୟ ସଂସ୍ଥା, କ୍ୟାଟରିଂ ଅଥବା ବାହ୍ୟାନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନା ସଂସ୍ଥାର ସ୍ୱତ୍ୱାଧିକାରୀ ଅଥବା କର୍ତ୍ତୃପକ୍ଷ ଏହି ଉପବିଧି ଅନ୍ତର୍ଗତ ନିର୍ଦ୍ଦେଶନାମା ଅନୁପାଳନ ନିମନ୍ତେ ଦାୟୀ ରହିବା ସହ ସେମାନଙ୍କ କାର୍ଯ୍ୟ ପରିସର ମଧ୍ୟରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନର ବ୍ୟବସ୍ଥା କରିବେ।

## ଅଧ୍ୟାୟ – ୫

## ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ସଂଗ୍ରହ,ପୃଥକୀକରଣ ଏବଂ ପ୍ରକ୍ରିୟାକରଣ

**୮. ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀ, ଆମଦାନୀକାରୀ ତଥା ବ୍ରାଣ୍ଡ ଅଧିକର୍ତ୍ତାଙ୍କ ଦାୟିତ୍ୱ : -** (୧) ଏକାଧିକ ସ୍ତରଯୁକ୍ତ ପ୍ଲାଷ୍ଟିକ୍ ଚଦର, ପାଉଚ୍ କିମ୍ବା ପ୍ୟାକେଜିଂ ଜରିଆରେ ନିଜର ଉତ୍ପାଦ ସମୂହର ବିକ୍ରୟ କରୁଥିବା ଉତ୍ପାଦକମାନେ ଏସବୁର ଉତ୍ପାଦନ ପ୍ରକ୍ରିୟାରୁ ଉତ୍ପନ୍ନ ବର୍ଜ୍ୟବସ୍ତୁ ସମୂହକୁ ଫେରେଇ ନେବା ପାଇଁ ବ୍ୟବସ୍ଥାର ସଂସ୍ଥାପନ କରିବେ।

(୨) ପାନୀୟ ଜଳ ବୋତଲ ଏବଂ ମୃଦୁ ପାନୀୟ ନିମନ୍ତେ ପଲିଏଥିଲିନ୍ ଟେରେଫଥାଲେଟ (PET/ PETE) ବୋତଲର ଉତ୍ପାଦନକାରୀ ମାନେସେଗୁଡ଼ିକର ବ୍ୟବହାର ପରେ ସେଥିରୁ ଉତ୍ପନ୍ନ ପଲିଏଥିଲିନ୍ ଟେରେଫଥାଲେଟ ବୋତଲ ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଯଥାକ୍ରମେ ପ୍ରଚଳିତ 'ଖୁଚୁରା ବିକ୍ରୟ ବ୍ୟବସ୍ଥା' ମାଧ୍ୟମରେ ଉତ୍ପାଦକ ମାନଙ୍କର ସମ୍ପ୍ରସାରିତ ଉତ୍ତରଦାୟିତ୍ୱ ଆଧାରରେ ପାରସ୍ପରିକ ସମ୍ମତ ନିବନ୍ଧନ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପାଦନ କରିବେ ।

## ଅଧ୍ୟାୟ – ୬

## ପ୍ରବର୍ତ୍ତନ ପ୍ରକ୍ରିୟା

**୯. ନିୟମ ଉଲଂଘନ କ୍ଷେତ୍ରରେ ଜୋରିମାନା :-** (୧) ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ପକ୍ଷରୁ ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀଙ୍କ ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା, ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ୍, ପ୍ଲାଷ୍ଟିକ୍ ଚଦର, ପ୍ଲାଷ୍ଟିକ୍ ଚଦର ଦ୍ୱାରା ନିର୍ମିତ ଘୋଡଣି ତଥା ପ୍ୟାକେଜିଂ ନିମନ୍ତେ ଏକାଧିକ ସ୍ତରଯୁକ୍ତ ପ୍ଲାଷ୍ଟିକ୍ ଚଦର ର ବ୍ୟବହାର ଆଦି ବିଷୟ ସମ୍ପର୍କରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ନିୟମ ପ୍ରବର୍ତ୍ତନ ସୁନିଶ୍ଚିତ କରିବେ। ସମୟରୁ ସମୟ ସଂଶୋଧିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ,୨୦୧୬ ଅନୁପାଳନ କରୁଥିବା ରୂପେ ଚିହ୍ନିତ ତଥା ନାମାଙ୍କିତ ହୋଇନଥିବା ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ୍, ପ୍ଲାଷ୍ଟିକ୍ ଚଦର, ପ୍ଲାଷ୍ଟିକ୍ ଚଦର ଦ୍ୱାରା ନିର୍ମିତ ଘୋଡଣି ତଥା ପ୍ୟାକେଜିଂ ନିମନ୍ତେ ଏକାଧିକ ସ୍ତରଯୁକ୍ତ ପ୍ଲାଷ୍ଟିକ୍ ଚଦର ବ୍ୟବହାର କରୁଥିବା ଖୁଚୁରା ବ୍ୟବସାୟୀ ଅଥବା ଜୋତା ଦୋକାନୀ, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା

ନିୟମ,୨୦୧୬ ର ନିୟମ ୧୪ ଅଧୀନରେ ଏହି ଉପବିଧିରେ ପ୍ରଦତ୍ତ ଅନୁସୂଚୀ ଅନୁସାରେ ଜୋରିମାନା ଆଦାୟ କରାଯିବ।

(୨) ଏହି ଉପବିଧିରେ ପ୍ରଦତ୍ତ ଅନୁସୂଚୀ ଅନୁସାରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଉଲ୍ଲଂଘନ କରୁଥିବା କୌଣସି ବ୍ୟକ୍ତି ଅଥବା ଅନୁଷ୍ଠାନ ଅଥବା ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀଙ୍କ ଠାରୁ ସରଜମିନରେ ଜୋରିମାନା ଆଦାୟ ପାଇଁ ପ୍ରାଧିକୃତ ପଦାଧିକାରୀ ଅଥବା ବିଧିବଦ୍ଧ ଗଠିତ ପ୍ରାଧିକୃତ ଆଦାୟକାରୀଦଳ ଉଲ୍ଲଂଘନକାରୀଙ୍କ ଠାରୁ ଜୋରିମାନା ଆଦାୟ କରିବେ।

(୩) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଅନ୍ତର୍ଗତ ବ୍ୟବସ୍ଥା ଅନୁଯାୟୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ସମୟରୁ ସମୟ ଆଦାୟ ହେଉଥିବା ଜୋରିମାନାର ପରିମାଣ ଉଚିତ୍ ମନେ କରାଯାଉଥିବା ମତେ ପରିବର୍ତ୍ତନ କରି ପାରିବେ ।

(୪) ଏହି ଉପବିଧିରେ ପ୍ରଦତ୍ତ ନିୟମ ସମୂହର ପ୍ରବର୍ତ୍ତନ ନିମନ୍ତେ ମହାନଗର ନିଗମ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହାୟତା ନେଇପାରିବେ।

**୧୦. ଅନାଦେୟ ସ୍ଥିତିରେ ପଦକ୍ଷେପ:-** ସମୁଚିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଦୁଇଟି ନୋଟିସ୍ ପରେ ମଧ୍ୟଜୋରିମାନା ପଇଠ ନକରୁଥିବା ଦୋକାନୀ ବା ପଥପ୍ରାନ୍ତ ବିକ୍ରେତା, ବ୍ୟକ୍ତି ଅଥବା ଅନୁଷ୍ଠାନଙ୍କ ଅନାଦେୟ ଜୋରିମାନା ଜନ ଅଭିଯାଚନା ରୂପେ ବିବେଚିତ ହେବ ଏବଂ ଓଡ଼ିଶା ଜନ ଅଭିଯାଚନା ଅଧିନିୟମ, ୧୯୬୨ (୧୯୬୩ ଓଡ଼ିଶା ନିୟମ ୧) ଅନୁଯାୟୀ ଆଦାୟ କରାଯିବ।

## ଅଧ୍ୟାୟ – ୭

## ବାର୍ଷିକ ପ୍ରତିବେଦନ

**୧୧.** (୧)ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଅଥବା ପୁନଃଚକ୍ରଣ ସୁବିଧା ସ୍ଥଳୀର ସଂଚାଳକଙ୍କ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରକୁ :- ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ରେ ପ୍ରଦତ୍ତ ଫର୍ମ IV ଅନୁସାରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ସୀମାଭୁକ୍ତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଅଥବା ପୁନଃଚକ୍ରଣ ସୁବିଧା ସ୍ଥଳୀରେ ନିୟୋଜିତ ବ୍ୟକ୍ତି ବିଶେଷଙ୍କ ଦ୍ୱାରା କ୍ୟାଲେଣ୍ଡର ବର୍ଷ ନିମନ୍ତେ ବାର୍ଷିକ ପ୍ରତିବେଦନ (ବିବରଣୀ) ପ୍ରସ୍ତୁତ କରି ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରଙ୍କୁ ତତ୍ ପରବର୍ତ୍ତୀ ବର୍ଷର ଏପ୍ରିଲ୍ ୩୦ ତାରିଖ ସୁଦ୍ଧା ପ୍ରଦାନ କରିବେ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା ଙ୍କୁ ସୂଚିତ କରିବେ।

(୨) ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ପକ୍ଷରୁ ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷ ନିମନ୍ତେ ବାର୍ଷିକ ପ୍ରତିବେଦନ (ବିବରଣୀ) ତତ୍ ପରବର୍ତ୍ତୀ ବର୍ଷର ଜୁନ୍ ମାସ ୩୦ ତାରିଖ ସୁଦ୍ଧା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ରେ ପ୍ରଦତ୍ତ ଫର୍ମ-Vରେ ପ୍ରସ୍ତୁତି ପୂର୍ବକ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବଙ୍କୁ ପ୍ରଦାନ କରାଯାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ସୂଚିତ କରାଯିବ।

## ଅଧ୍ୟାୟ – ୮

## ଅନୁଧ୍ୟାନ ବ୍ୟବସ୍ଥା

**୧୨. ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଅନୁଧ୍ୟାନ ବ୍ୟବସ୍ଥା:-** (୧) କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି ୨୦୧୭ ଅନୁଯାୟୀ ଗଠିତ ୱାର୍ଡ଼ କମିଟି ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ସମେତ ସମସ୍ତ ପରିମଳ କାର୍ଯ୍ୟାବଳୀର ଅନୁଧ୍ୟାନ କରାଯିବ।

(୨) ଓଡ଼ିଶା ସହରାଞ୍ଚଳ ପରିମଳ ପଦ୍ଧତି ୨୦୧୭ ଅନୁଯାୟୀ ଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରର ପରିମଳ ଟାସ୍କ ଫୋର୍ସ୍ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ଅଞ୍ଚଳରେ ଉପବିଧିର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରାଯିବ।

**୧୩. ୱାର୍ଡ଼ କମିଟି (ଡବ୍ଲ୍ୟୁ. ସି)ର ଦାୟିତ୍ୱ :-** ୱାର୍ଡ଼ କମିଟି ପକ୍ଷରୁ ନିମ୍ନୋକ୍ତ ଦାୟିତ୍ୱ ମାନ ହାତକୁ ନିଆଯିବ ଯଥା:-

(କ) ସମ୍ପୃକ୍ତ ୱାର୍ଡ଼ ମାନଙ୍କରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି ଅନ୍ତର୍ଗତ ନିୟମର କାର୍ଯ୍ୟକାରିତା ଅନୁଧ୍ୟାନ କରିବେ;

(ଖ)ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ସମେତ ସମସ୍ତ ପ୍ରକାର ପରିମଳ କାର୍ଯ୍ୟକ୍ରମ ସମ୍ପର୍କିତ ଅଭିଯୋଗ ସମୂହର ସମାଧାନ ପାଇଁ ୱାର୍ଡ଼ସ୍ତରୀୟ ସଂଯୋଜନା ଦାୟିତ୍ୱ ନିର୍ବାହ କରିବେ; ଏବଂ

(ଗ) ସମ୍ପୃକ୍ତ ୱାର୍ଡ଼ ମାନଙ୍କରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିବେ।

**୧୪. ନଗର ପରିମଳ ଟାସ୍କ ଫୋର୍ସ୍(ସି .ଏସ୍. ଟି .ଏଫ୍)ର ଦାୟିତ୍ୱ:-** ନଗର ପରିମଳ ଟାସ୍କଫୋର୍ସ୍ ନିମ୍ନୋକ୍ତ ଦାୟିତ୍ୱ ମାନ ହାତକୁ ନେବେ ଯଥା:-

(କ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସମ୍ପର୍କିତ ତଥ୍ୟ ଭିତ୍ତିକ ଆଧାର ରେଖା ତଥା ପରିସ୍ଥିତି ସମୂହର ବିଶ୍ଳେଷଣ ପ୍ରସ୍ତୁତ କରିବେ;

(ଖ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଅଭିଯାନର ପ୍ରଗତି ଅନୁଧ୍ୟାନ କରିବା ସହ ଅବଧିକ୍ରମେ ଆବଶ୍ୟକ ସଂଶୋଧନ କରିବେ ଏବଂ ଜିଲ୍ଲା ତଥା ରାଜ୍ୟ ସଂଯୋଜନା ସଂସ୍ଥାକୁ ପ୍ରତିବେଦନ ପଠାଇବେ;

(ଗ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ଗୋଷ୍ଠୀ ସ୍ତରୀୟ ଅନୁଧ୍ୟାନ ତଥା ପରିଚାଳନା ବ୍ୟବସ୍ଥାକୁ ସ୍ଥାପନ କରିବା ପାଇଁ ୱାର୍ଡ଼ କମିଟି, ସହାୟକ ସଂସ୍ଥା, ସମ ରୈଖିକ(ଲାଇନ୍) ବିଭାଗ ସମୂହ ତଥା ନାଗରିକ ସମାଜ ସଂଗଠନ ସହ ମିଳିତ ରୂପେ କାର୍ଯ୍ୟକରିବେ;

(ଘ) ବିଭିନ୍ନ ଯୋଜନା ଅଧୀନରେ ବିକଶିତ, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ସମେତ ସମସ୍ତ ପ୍ରକାର ପରିମଳ କାର୍ଯ୍ୟକ୍ରମ ସମ୍ପର୍କିତ ବିସ୍ତୃତ ପ୍ରକଳ୍ପ ବିବରଣୀର ସମୀକ୍ଷା କରିବେ ଏବଂ ସହରାଞ୍ଚଳ ପରିମଳ କମିଟିର ବିଚାର ନିମନ୍ତେ ଅନୁମୋଦନ କରିବେ; ଏବଂ

(ଙ) ୱାର୍ଡ଼ ସ୍ତରୀୟ ଅନୁଧ୍ୟାନ ପାଇଁ ଯେକୌଣସି କମିଟି ବା ଉପ କମିଟିକୁ ଦାୟିତ୍ୱ ନ୍ୟସ୍ତ କରିବେ ।

**୧୫. ପୁନରାବେଦନ:** ଏହି ଉପବିଧି ଅଧୀନରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରର କୌଣସି ପ୍ରାଧିକୃତ ଅଧିକାରୀଙ୍କ ନିଷ୍ପତ୍ତିରେ ଯଦି କୌଣସି ବ୍ୟକ୍ତିବିଶେଷ ଅସନ୍ତୋଷ ପ୍ରକାଶ କରନ୍ତି ତେବେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରର ନିର୍ବାହୀ ଅଧିକାରୀଙ୍କୁ ଏବଂ ନିଷ୍ପତ୍ତି ଯଦି ନିର୍ବାହୀ ଅଧିକାରୀ ନିଜେ ନେଇଥିବେ ତେବେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବଙ୍କୁ ପୁନରାବେଦନ କରିବାକୁ ଥିବା ଆଦେଶ ନକଲ ପ୍ରାପ୍ତିର ତିରିଶ ଦିନ ମଧ୍ୟରେ ପୁନରାବେଦନ (ଅପିଲ୍)କରି ପାରିବେ।

**୧୬.** ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର ଏହି ଉପବିଧି ନିୟମର କାର୍ଯ୍ୟକାରିତା ନିମନ୍ତେ ସମୟରୁ ସମୟ କ୍ରମେ ନିର୍ଦ୍ଦେଶନାମା, ସ୍ପଷ୍ଟୀକରଣ ଜାରି କରିବେ ।

# ଅନୁସୂଚୀ

## ନିୟମ ଉଲ୍ଲଂଘନ କ୍ଷେତ୍ରରେ ଜୋରିମାନା

### (ଉପବିଧି-୯ ଦ୍ରଷ୍ଟବ୍ୟ)

| କ୍ରମିକ ସଂଖ୍ୟା | ଉପବିଧି ରେ ସୂଚିତ ନିୟମ | ନିୟମ ଉଲଂଘନ ସମ୍ପର୍କରେ ସଂକ୍ଷିପ୍ତ ବର୍ଣ୍ଣନା | ଜୋରିମାନା ଅର୍ଥ ରାଶି (ଟଙ୍କାରେ) ପ୍ରତିଟି ଉଲ୍ଲଂଘନ ପାଇଁ ଦୁଇଟି ଉଲ୍ଲଂଘନ ଯାଏଁ | ଜୋରିମାନା ଅର୍ଥ ରାଶି (ଟଙ୍କାରେ) ପରବର୍ତ୍ତୀ ପୁନର୍ବାର ଉଲ୍ଲଂଘନ ପାଇଁ |
|---|---|---|---|---|
| ୧ | ୪(୧) | ପଲିଥିନ୍ କ୍ୟାରିବ୍ୟାଗ୍, ୨୦୦ ମି.ଲି. ରୁ କମ୍ ପରିମାଣର ପଲିଏଥିଲିନ୍ ଟେରେଫଥାଲେଟ (PET/PETE )ପିଇବା ପାଣି ବୋତଲ, ଥର୍ମୋକୋଲ୍ (ପଲିଷ୍ଟାଇରିନ୍) ପଲିଇଉରେଥେନ୍ କିମ୍ବା ତତ୍ତୁଲ୍ୟ ଉପାଦାନରୁ ପ୍ରସ୍ତୁତ ଏକକ ବ୍ୟବହାରକ୍ଷମ ନିବର୍ତ୍ତନୀୟ ଖାଇବା ଉପକରଣ ଥର୍ମୋକୋଲ୍ ରୁ ପ୍ରସ୍ତୁତ ଗୃହ ସଜ୍ଜା ଉପକରଣ ଆଦି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବିକ୍ରୟ, ବ୍ୟାପାର, ଉତ୍ପାଦନ, ଆମଦାନୀ, ସଞ୍ଚୟନ, ଧାରଣ, ପରିବହନ, ଉପଯୋଗ ବା ବଣ୍ଟନ | | |
| (କ) | | ଘରୋଇ ଉପଯୋଗକାରୀ | ୧୦୦ | ୫୦୦ |
| (ଖ) | | ବ୍ୟବସାୟିକ ଉପଯୋଗକାରୀ | ୧୦୦୦ | ୫୦୦୦ |
| ୨ | ୪(୨) | କୌଣସି ଖାଦ୍ୟ ଦ୍ରବ୍ୟ, ଦୁଗ୍ଧ ବା ଦୁଗ୍ଧଜାତ ପଦାର୍ଥ, ରନ୍ଧନ ତେଲ ସମେତ ଅନ୍ୟାନ୍ୟ କୌଣସି ଜିନିଷ ରଖିବା, ପରିବହନ କରିବା, ବିକ୍ରୟ ପାଇଁ ନେବା ଅଥବା ଦ୍ରବ୍ୟ ବା ପଣ୍ୟଦ୍ରବ୍ୟ ବାନ୍ଧିବା ପାଇଁ ବିକ୍ରେତା ମାନେ ୫୦ ମାଇକ୍ରନ୍ ରୁ କମ୍ ପ୍ଲାଷ୍ଟିକ୍ ଥଳୀ ବ୍ୟବହାର କରିବା। | ୧୦୦୦ | ୫୦୦୦ |
| | ୪(୩) | ସର୍ବସାଧାରଣ ସ୍ଥଳରେ କୌଣସି ବ୍ୟକ୍ତି ଜ୍ଞାତସାରରେ ବା ଅଜ୍ଞାତସାରରେ ଏହି ଉପବିଧିରେ ଅନୁମତି ଦିଆଯାଇନଥିବା କୌଣସି ପ୍ରକାର ପ୍ଲାଷ୍ଟିକ୍ ଜିନିଷ ଫିଙ୍ଗିଲେ | ୧୦୦ | ୫୦୦ |
| | ୪(୪) | ଗୁଟଖା, ଜର୍ଦ୍ଦା ତଥା ପାନ ମସଲା ରଖିବା, ପ୍ୟାକିଂ ଅଥବା ବିକ୍ରୟ କରିବା ପାଇଁ ପ୍ଲାଷ୍ଟିକ୍ ଉପାଦାନ ରେ ତିଆରି ପୁଡିଆ ବ୍ୟବହାର ହେଲେ | ୨୦୦ | ୫୦୦ |
| | ୪(୬) | ଭାରତୀୟ ମାନକ IS 17088 : 2008 ଅନୁରୂପ ହୋଇନଥିବା ବିଘଟନଶୀଳ ପ୍ଲାଷ୍ଟିକ୍ ରୁ ପ୍ରସ୍ତୁତ କ୍ୟାରିବ୍ୟାଗ୍ ବ୍ୟବହାର ହେଲେ | ୧୦୦୦ | ୫୦୦୦ |

| କ୍ରମିକ ସଂଖ୍ୟା | ଉପବିଧି ରେ ସୂଚିତ ନିୟମ | ନିୟମ ଉଲଂଘନ ସମ୍ପର୍କରେ ସଂକ୍ଷିପ୍ତ ବର୍ଣ୍ଣନା | ଜୋରିମାନା ଅର୍ଥ ରାଶି (ଟଙ୍କାରେ) ପ୍ରତିଟି ଉଲ୍ଲଂଘନ ପାଇଁ ଦୁଇଟି ଉଲ୍ଲଂଘନ ଯାଏଁ | ଜୋରିମାନା ଅର୍ଥ ରାଶି (ଟଙ୍କାରେ) ପରବର୍ତ୍ତୀ ପୁନର୍ବାର ଉଲ୍ଲଂଘନ ପାଇଁ |
|---|---|---|---|---|
| | ୪(୭) | ଗୁଟଖା, ଜର୍ଦ୍ଦା ତଥା ପାନ ମସଲା ରଖିବା, ପ୍ୟାକିଂ ପାଇଁ କୌଣସି ପ୍ରକାର ପ୍ଲାଷ୍ଟିକ୍ ଉପାଦାନ ଯଥା ଭିନାଇଲ୍ ଆସିଟେଟ୍, ମେଲେଇକ୍ ଏସିଡ୍, ଭିନାଇଲ୍ କ୍ଲୋରାଇଡ୍ ତଥା କୋପଲିମର୍ ବ୍ୟବହାର ହେଲେ | ୧୦୦ | ୫୦୦ |
| | ୭(୨) | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀ ସଂସ୍ଥା, ଯେଉଁମାନେ ସମୟରୁ ସମୟ ସଂଶୋଧିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଅନୁପାଳନରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପୃଥକୀକରଣ ଓ ସଞ୍ଚୟନ କରନ୍ତି ନାହିଁ ଏବଂ ପୃଥକୀକୃତ ବର୍ଜ୍ୟବସ୍ତୁକୁ ପ୍ରାଧିକୃତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ବା ନିବର୍ତ୍ତନ ସୁବିଧାସ୍ଥଳୀକୁ ନିଜେ ବା ପ୍ରାଧିକୃତ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ସଂସ୍ଥା ଦ୍ୱାରା ହସ୍ତାନ୍ତର କରନ୍ତି ନାହିଁ। | ୧୦୦୦ | ୫୦୦୦ |

**ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁରର ଆଦେଶ କ୍ରମେ**

**ରାଜେଶ କୁମାର ଏକ୍କା**

**ନିର୍ବାହୀ ଅଧିକାରୀ**



Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3401—173+2